**Indian Journal of Modern Research and Reviews**

**This Journal is a member of the *'Committee on Publication Ethics'***

**Online ISSN:**2584-184X

**Research Paper**

# ଓଡ଼ିଶାର ପ୍ରଥମ ନାରୀ କୈନ୍ଦ୍ରିକ ଓ ସଂପାଦିତ ପତ୍ରିକା' ଆଶା'  ଓ ରେବା ରାୟ

**ଶୁଭଦର୍ଶିନୀ ପରିଡ଼ା**

ଅଧ୍ୟାପିକା, ଓଡ଼ିଆ ବିଭାଗ, ରେରଭନସା ବିଶ୍ୱବିଦ୍ୟାଳୟ କଟକ, ଓଡ଼ିଶା, ଭାରତ

**Corresponding Author:** * ଶୁଭଦର୍ଶିନୀ ପରିଡ଼ା

**DOI:** https://doi.org/10.5281/zenodo.20743496

## ସାରାଂଶ

ଈଶ୍ୱର ଦ୍ୱାହି ଦେଇ ଯେତେବେଳେ ପୁରାକାଳର ମଣିଷ ଗୁଡ଼ାଏ ଅନ୍ଧବିଶ୍ୱାସକୁ ଆଦରି ଥିଲା। ଈଶ୍ୱର ଚାହିଁଲେ ଅସମ୍ଭବ ବି ସମ୍ଭବ ହୋଇଯିବ, ସେ କୋପକଲେ ସୃଷ୍ଟି ଧ୍ୱଂସ ପାଇଯିବ, ଏହି ବିଶ୍ୱାସରେ ବଞ୍ଚୁଥିବା ମଣିଷ ସମାଜର ଉଚ୍ଚଶ୍ରେଣୀଦ୍ୱାରା ଶୋଷଣର ଶିକାର ହେବା ଫଳରେ, ସମାଜରେ ଧନୀ -ଗରିବ, ଉଚ୍ଚ -ନୀଚ, ନାରୀ -ପୁରୁଷର ଭେଦାଭେଦ ସୃଷ୍ଟି ହେଲା। ସମାଜ କୁସଂସ୍କାର ବଶବର୍ତ୍ତୀ ହେବା ଦ୍ୱାରା ନାରୀଟି ନିଜକୁ ସମ୍ପୂର୍ଣ ଅସହାୟ ମନେକରୁଥିଲା। ଏହିଭଳି ସମୟରେ ସମାଜରେ ନାରୀଟି ଯେତେବେଳେ ଘରକୋଣରେ ଆବଦ୍ଧ ହୋଇରହୁଥିଲା, ଶ୍ରୀମତୀ ରେବା ରାୟ ସେହି ସମାଜରୁ ନିଜକୁ ମୁକୁଳାଇ ସମାଜର କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଖାତିର ନ କରି ପାଠ ପଢିବା ସହ ଅନ୍ୟ ନାରୀମାନଙ୍କର ଶିକ୍ଷିତ ହେବାକୁ ଗୁରୁତ୍ୱ ଦେଇଥିଲେ। ତତସହିତ ସଂସ୍କୃତି, ସାହିତ୍ୟ ଓ ନାରୀଶିକ୍ଷାର ପ୍ରସାରପାଇଁ ୧୮୯୨ମସିହାରେ'ଆଶା' ନାମରେ ଏକ ପତ୍ରିକାର ସମ୍ପାଦନା କରିଥିଲେ। ଯାହା ଓଡ଼ିଆ ସାହିତ୍ୟରେ ନାରୀ ସଂପାଦିତ ଓ ନାରୀକୈନ୍ଦ୍ରିକ ପ୍ରଥମ ପତ୍ରିକା। ଏହି ପତ୍ରିକାରେ ନାରୀ ଶିକ୍ଷା ସହ ନାରୀର ବିଭିନ୍ନ ସମସ୍ୟା ଓ ତାର ସମାଧାନ ସୂତ୍ର ପ୍ରବନ୍ଧ ମାଧ୍ୟମରେ ଉପସ୍ଥାପନ କରାଯାଉଥିଲା। ଏହି ପ୍ରବନ୍ଧରେ ପ୍ରଥମ ନାରୀ କୈନ୍ଦ୍ରିକ ପତ୍ରିକା 'ଆଶା' ଓ ଏହାର ସମ୍ପାଦିକା ରେବା ରାୟଙ୍କ ମୌଳିକ, ଯୁକ୍ତିନିଷ୍ଠ ଓ ସ୍ୱାଧୀନଚେତା ଚିନ୍ତାଧାରା ସମ୍ପର୍କରେ ଆଲୋଚନା କରାଯିବ ।

**Manuscript Info.**

- ✓ **ISSN No:** 2584-184X
- ✓ **Received:** 06-12-2025
- ✓ **Accepted:** 28-01-2025
- ✓ **Published:** 30-01-2025
- ✓ **MRR:3(1):**2025;51-53
- ✓ **©2025, All Rights Reserved.**
- ✓ **Peer Review Process:** Yes
- ✓ **Plagiarism Checked:** Yes

**How To Cite**

ଶୁଭଦର୍ଶିନୀ ପରିଡ଼ା. ଓଡ଼ିଶାର ପ୍ରଥମ ନାରୀ କୈନ୍ଦ୍ରିକ ଓ ସଂପାଦିତ ପତ୍ରିକା' ଆଶା' ଓ ରେବା ରାୟ. Indian J Mod Res Rev. 2025;3(1):51-53.

**ପ୍ରମୁଖ ଶବ୍ଦାବଳୀ :** ପତ୍ରିକା, ଆଶା, ରେବା ରାୟ,, ନବଜାଗରଣ, ସ୍ତ୍ରୀ ଶିକ୍ଷା, ସ୍ୱାଧୀନତା, ସମାନତା, ଓଡ଼ିଶା, ସାମାଜିକ, ସାଂସ୍କୃତିକ, ରାଜନୈତିକ,ଧାର୍ମିକ, ସାହିତ୍ୟିକ।

## ପ୍ରସଙ୍ଗ

ଊନବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଓଡ଼ିଆ ସାହିତ୍ୟରେ ନବଜାଗରଣ ସୃଷ୍ଟିହେଲା। ନବଜାଗରଣ ଫଳରେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ବିଭିନ୍ନ ପରିବର୍ତ୍ତନ ସଂଘଠିତ ହେଲା। ଏହି ପରିବର୍ତ୍ତନର ମୁଖ୍ୟ କାରଣ ଗୁଡିକ ହେଲା ମୁଦ୍ରଣ ଯନ୍ତ୍ରର ପ୍ରତିଷ୍ଠା, ପତ୍ରପତ୍ରିକାର ପ୍ରକାଶ, ପାଠ୍ୟପୁସ୍ତକ ପ୍ରଣୟନ ପ୍ରଭୃତି। ପତ୍ରପତ୍ରିକାର ପ୍ରକାଶ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ରାଜନୀତିକ, ଧାର୍ମିକ ଏବଂ ସାହିତ୍ୟିକ ବାତାବରଣକୁ ସମ୍ପୂର୍ଣରୂପେ ପରିବର୍ତ୍ତନ କରିଦେଲା। ଏହି ସମୟରେ ଓଡ଼ିଶାରେ ଓଡ଼ିଆରେ ଖ୍ରୀଷ୍ଟିଧର୍ମୀ ପତ୍ରିକାମାନ ପ୍ରକାଶିତ ହୋଇ ଓଡ଼ିଆଙ୍କ ଧାର୍ମିକ ଚେତନାକୁ ପ୍ରଭାବିତ କଲା। ଖ୍ରୀଷ୍ଟଧର୍ମୀ ପତ୍ରିକାଭାବେ ୧୮୪୯ମସିହାରେ ରେଭେରେଣ୍ଡ ସି. ଲେସି କଟକ ମିଶନ ପ୍ରେସରୁ 'ଜ୍ଞାନରଣ 'ନାମରେ ଏକ ପତ୍ରିକା ପ୍ରକାଶନ କରିଥିଲେ। ୧୮୫୨ମସିହାରେ ଲେସିଙ୍କ ସମ୍ପାଦନାରେ ମିଶନ ପ୍ରେସରୁ ଓଡ଼ିଆ ଭାଷାରେ ସରକାରୀ ଗେଜେଟ,୧୮୫୫ମସିହାରେ ଲେସିଙ୍କ ସମ୍ପାଦନାରେ 'ପ୍ରବୋଧଚନ୍ଦ୍ରିକା',୧୮୭୮ମସିହାରେ 'ତାରକା ଓ ଶୁଭ ବାର୍ତ୍ତା 'ପ୍ରକାଶିତ ହେଲା। ଖ୍ରୀଷ୍ଟ ଧର୍ମ ଓ ମିଶନାରୀମାନଙ୍କ ପରେ ବ୍ରହ୍ମ ବାଦୀ ମାନେ ମଧ୍ୟ ଓଡ଼ିଶାରେ ନିଜ ଧର୍ମ ସମ୍ବନ୍ଧୀୟ ସେବକ(୧୮୮୩) ନବବିଧାନ (୧୮୮୪)ବ୍ରାହ୍ମ(୧୮୯୪)ପ୍ରଭୃତି ବ୍ରାହ୍ମଧର୍ମୀ ପତ୍ରିକା ପ୍ରକାଶ କଲେ। ଫଳରେ ଓଡ଼ିଶାରେ ଧର୍ମକୁ ଭିତ୍ତିକରି



© 2025 ଶୁଭଦର୍ଶିନୀ ପରିଡ଼ା. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଶିକ୍ଷାକ୍ଷେତ୍ରରେ ମଧ୍ୟ ନବଜାଗରଣ ସୃଷ୍ଟି ହେଲା। ଖ୍ରୀଷ୍ଟିଆନମାନେ ମିଶନ ସ୍କୁଲ ପ୍ରତିଷ୍ଠା କଲେ ବହୁ ଓଡ଼ିଆ ଏହି ସ୍କୁଲରେ ପାଠ ପଢିଲେ। ଠିକି ଏହି ସମୟରେ ସାହିତ୍ୟରେ ମଧ୍ୟ ଜାଗରଣ ସୃଷ୍ଟିପାଇଁ ବହୁ ବିଶିଷ୍ଟ ବ୍ୟକ୍ତି ପ୍ରୟାସ ଆରମ୍ଭ କଲେ ଏବଂ ସେମାନଂକୁ ତତ୍‌କାଳର ରାଜା, ଜମିଦାରମାନେ ସହଯୋଗ ପ୍ରଦାନ କଲେ। ଯଦ୍ୱାରା ଓଡ଼ିଶାର ବିଭିନ୍ନ ସମସ୍ୟାକୁ ଗୁରୁତ୍ୱ ଦେଇ ପତ୍ରପତ୍ରିକାଗୁଡିକ ଲେଖା ପ୍ରକାଶ କଲେ। ଉତ୍କଳ ଦୀପିକା (୧୮୬୬), ବାଲେଶ୍ୱର ସମ୍ବାଦବାହିକା (୧୮୬୮), ଉତ୍କଳ ଦର୍ପଣ (୧୮୭୫), ଉତ୍କଳ ହିତୈଷିଣୀ (୧୮୬୯ )ଉତ୍କଳ ପୁତ୍ର (୧ ୮୭୩)ଏବଂ ଉତ୍କଳ ମଧୁପ (୧୮୭୮), ଓଡ଼ିଆ (୧୮୮୬), ଓଡ଼ିଆ ଓ ନବ ସମ୍ବାଦ (୧୮୮୭), ଆଶା(୧୮୮୮),ସମ୍ବଲପୁର ହିତୈଷିଣୀ(୧୮୯୯)ଉତ୍କଳ ପ୍ରଭା (୧୮୯୧), ଉତ୍କଳ ସାହିତ୍ୟ (୧୮୯୭),ଆଲୋଚନା (୧୯୦୦) ପ୍ରମୁଖ ପତ୍ରିକା ଗୁଡିକ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ରାଜନୀତି, ଧାର୍ମିକ ଓ ସାହିତ୍ୟିକକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ସୃଷ୍ଟିକଲା। ଗୌରୀଶଙ୍କରଙ୍କ ଠାରୁ ଆରମ୍ଭ କରି ଫକୀର ମୋହନଙ୍କ ଭଳି ବହୁ ବିଦ୍ୱାନ ସମ୍ପାଦକ ଭାବେ ଓଡ଼ିଶାର ସ୍ୱାର୍ଥପାଇଁ ବିଭିନ୍ନ ସମସ୍ୟା ଗୁଡିକୁ ଗୁରୁତ୍ୱଦେଇ ଲେଖା ପ୍ରକାଶ କଲେ। ଫଳରେ ଓଡ଼ିଶାରେ ମସୀଯୁଦ୍ଧ ଆରମ୍ଭ ହେଲା।

ଏହି ସମୟରେ ଓଡ଼ିଶାରେ ଜଣେ ନାରୀ ଶ୍ରୀମତୀ ରେବା ରାୟ ଯିଏ କି ପ୍ରଥମ କରି ୧୮୯୨ମସିହାରେ 'ଆଶା'ପତ୍ରିକା ସମ୍ପାଦନା କରିଥିଲେ। ଏବଂ ତାହା ଥିଲା ଓଡ଼ିଶାର ନାରୀକୈନ୍ଦ୍ରିକ  ଓ ନାରୀ ସମ୍ପାଦିତ ପ୍ରଥମ ଓଡ଼ିଆ ପତ୍ରିକା। ଏହି ପତ୍ରିକା ପ୍ରଥମେ ବ୍ରାହ୍ମ ସମାଜଦ୍ୱାରା ପରିଚାଳିତ ମାସିକ ଧର୍ମ ଓ ସାହିତ୍ୟ ପତ୍ରିକା ଭାବେ ୧୮୮୮ମସିହାରେ ଆରମ୍ଭ ହୋଇଥିଲା। ୧୮୮୮-୯୦ଯାଏଁ ଏହାର ସମ୍ପାଦକ ଥିଲେ ସାଧୁଚରଣ ରାୟ।ଦ୍ୱିତୀୟ ପର୍ଯ୍ୟାୟରେ ୧୮୯୨-୯୯ଯାଏଁ  ଏହାର ସମ୍ପାଦନା କଲେ ରେବା ରାୟ ।ରେବା ରାୟ ଭକ୍ତକବି ମଧୁସୁଦନ ରାଓଙ୍କ ଭାଇଙ୍କ କନ୍ୟା ଥିଲେ। ଏବଂ ସାଧୁଚରଣ ରାୟଙ୍କ ପତ୍ନୀ। ଆଶାରେ ହିଁ ତାଙ୍କର ଲେଖିକା ଜୀବନ ନୂଆ ମୋଡ଼ ନେଇଥିଲା। ଆଶାକୁ କେନ୍ଦ୍ରକରି ସେ ପ୍ରଥମେ ମହିଳା ପ୍ରସଙ୍ଗ ଓଡ଼ିଆ ସମାଜରେ ଉପସ୍ଥାପନ କରିଥିଲେ। ଆଶାର ୧୮୯୨-୯୩ ମସିହାରେ କେତେକ ଖଣ୍ଡ ଓଡ଼ିଆ ବିଭବରେ ଦେଖିବାକୁ ମିଳେ। ପତ୍ରିକାର ଆରମ୍ଭରେ ଏକ ଘୋଷଣା କୁହାଯାଇଛି –'କନ୍ୟାପ୍ୟେବଂ ପାଳନୀୟା ଶିକ୍ଷଣିୟାତି ଯତ୍ନତଃ।"ଏହା ନାରୀ ସମାଜରେ ନାରୀ ଶକ୍ତିର ଭୂମିକା ବିଷୟରେ ସୂଚନା ଦିଏ।

କବିବର ରାଧାନାଥ ରାୟ ଜୁନ ୧୪,୧୯୮୨ରେ 'ଆଶା 'ପତ୍ରିକା ସମ୍ପର୍କରେ ମତ ଦେଇ ଲେଖିଥିଲେ – "ଆଶା ରେବା ରାୟ ସମ୍ପାଦିତ ଓଡ଼ିଶାରେ ବର୍ତ୍ତମାନ ସ୍ତ୍ରୀ ଶିକ୍ଷାର ଅଂକୁରୋଦ୍‌ଗମ ମାତ୍ର ହୋଇଅଛି। ଏହି ଅଂକୁରରେ ପ୍ରତ୍ୟେକ ସୁହୃଦ ବ୍ୟକ୍ତି ଯେ ଉତ୍ସାହବାରୀ ସେଚନ କରିବେ ଏଥିରେ ଲେଶମାତ୍ର ସନ୍ଦେହ ନାହିଁ। ଆଶା ସ୍ତ୍ରୀଶିକ୍ଷାନ୍ନୋତି ବିଧାନର ଅନ୍ୟତମ ସାଧନ ରୂପେ ଉତ୍କଳ ସାହିତ୍ୟ ସଂସାରରେ ଅବତୀର୍ଣ୍ଣ। ଏଥିରେ ପ୍ରକାଶିତ ଉତ୍କଳରେ ସ୍ତ୍ରୀଶିକ୍ଷାର ଦୁର୍ଗତିନ୍ତରେ ଲେଖିକା ଏଲେନା ମତ ନାରୀ ଜାଗୃତିର ପ୍ରାଥମିକ ସୋପାନ। "ଆଶା ପତ୍ରିକାରେ ନାରୀକୁ କେନ୍ଦ୍ରରେ ରଖି ତା'ର ଶିକ୍ଷା ପରିବାର ପରିଚାଳନା, ରାନ୍ଧଣା, ପତ୍ନୀ ଧର୍ମ, ମାତା ଧର୍ମ, ଆଦର୍ଶ ଗୃହିଣୀ ଓ ସର୍ବୋପରି ଓଡ଼ିଶାରେ ନାରୀ ଶିକ୍ଷାକୁ ପ୍ରାଧନ୍ୟ ଦେଇ ଲେଖାମାନ ପ୍ରକାଶିତ ହେଲା। 'ଆଶା 'ପତ୍ରିକାରେ ପ୍ରବନ୍ଧ ଗୁଡିକ ମଧ୍ୟରେ 'ସ୍ତ୍ରୀ ଲୋକମାନେ ଉଚ୍ଚଶିକ୍ଷାର ଅଧିକାରିଣୀ ନୁହନ୍ତି ' ('ଆଶା' ୩ଖଣ୍ଡ /ବୈଶାଖ ଓ ଜ୍ୟେଷ୍ଠ ୧୮୯୨)ରମଣୀର କର୍ତ୍ତବ୍ୟ, ଆଦର୍ଶ ଗୃହିଣୀ (୩-୪ବର୍ଷ ୧୮୯୨-୯୩)ସ୍ତ୍ରୀଲୋକର ସାହସ (୩-୪ବର୍ଷ ୧୮୯୨-୯୩), ଦେଶୀୟ ସ୍ତ୍ରୀ ଶିକ୍ଷାର ଆବଶ୍ୟକତା –(୩-୪ବର୍ଷ ୧୮୯୨-୯୩),ଉତ୍କଳରେ ସ୍ତ୍ରୀ ଶିକ୍ଷାର ଦୁର୍ଗତି (୩ ଖଣ୍ଡ) ଆମ୍ଭମାନଙ୍କ ଦେଶରେ କାହିଁକି ସ୍ତ୍ରୀ ଶିକ୍ଷାର ଅବନତି ହେଉଛଚି, (ପୁରସ୍କାର ପ୍ରାପ୍ତ ପ୍ରବନ୍ଧ ), ସ୍ତ୍ରୀ ଲୋକମାନଙ୍କର ପରିଶ୍ରମୀ ହେବା ଉଚିତ, କି ପ୍ରଣାଳୀରେ ସ୍ତ୍ରୀଶିକ୍ଷା ବାଞ୍ଛନୀୟ, ବିଧବାର ଦୁଃଖ (କବିତା ), ସାବିତ୍ରୀ, ସ୍ତ୍ରୀ ଶିକ୍ଷା (ଆଶା ୪ବର୍ଷ ୧ସଂଖ୍ୟା ), ସନ୍ତାନ ପ୍ରତି ମାତାର କର୍ତ୍ତବ୍ୟକାର୍ଯ୍ୟ, ସ୍ତ୍ରୀଶିକ୍ଷା, ସତୀ, ମାତାର କର୍ତ୍ତବ୍ୟ, ରମଣୀର ବୀରତ୍ୱ(ଐତିହାସିକ ଘଟଣା )ନାରୀ ପ୍ରକୃତିର ବିଶେଷତ୍ୱ, ରମଣୀର ଲଜ୍ୟା, ସ୍ତ୍ରୀ ପୁରୁଷଙ୍କ ଜ୍ଞାନେନ୍ଦ୍ରୀୟ ମଧ୍ୟରେ ତାରତମ୍ୟ ପ୍ରଭୃତି।

'ସ୍ତ୍ରୀ ଲୋକମାନେ ଉଚ୍ଚଶିକ୍ଷାର ଅଧିକାରିଣୀ ନୁହନ୍ତି?' ପ୍ରବନ୍ଧରେ ସ୍ତ୍ରୀଲୋକମାନଙ୍କୁ ଶିକ୍ଷା ଦେବା ବିଷୟରେ କୁହାଯାଇଛି ପୁରୁଷଟିର କେବଳ ଅଧିକାର ଅଛି ଶିକ୍ଷିତ ଅଛି ଶିକ୍ଷିତ ହେବ ସ୍ୱାବଲମ୍ବୀ ହେବ ନାରୀଟି ଘରକୋଣରେ ରହି ସବୁବେଳେ ଗୃହ ଜଂଜାଳ ସମ୍ଭାଳୁଥିବ। ଏଭଳି ଏକ ଘୃଣ୍ଣ ପ୍ରଥାକୁ ଏହି ପ୍ରବନ୍ଧରେ ବିରୋଧ କରି ଲେଖା ଯାଇଛି "ସ୍ତ୍ରୀଲୋକମାନେ ଅହଂକାରିଣୀ ହେବେ, ସ୍ୱେଚ୍ଛାଚାରିଣୀ ହେବେ ଏହି ଯୁକ୍ତି ଦେଖାଇ ସେମାନଙ୍କୁ ଉଚ୍ଚଶିକ୍ଷାରୁ ବଞ୍ଚିତ କରିବା ନିତ୍ୟାନ୍ତ ଅନୁଚିତ। ଶିକ୍ଷା ଯାହାକି କେବଳ ଜୀବନ ଉନ୍ନତିର ଏକ ମାତ୍ର ପଥ, ସେ ପଥର ଯାତ୍ରୀ କି କେବଳ ପୁରୁଷ ଅଟନ୍ତି? ଯେଉଁମାନେ କୁହନ୍ତି ସ୍ତ୍ରୀମାନଙ୍କୁ ଉଚ୍ଚଶିକ୍ଷା ଦେବା ଅନୁଚିତ ସେମାନେ ଶିକ୍ଷିତ ହେଲେ ମଧ୍ୟ ସେମାନଙ୍କ ହୃଦୟ ଉଦାର ହୋଇନାହିଁ। -ମତ ପରିଷ୍କୃତ ହୋଇନାହିଁ।"-୩ ଖଣ୍ଡ- ୧୮୯୨-ସ୍ତ୍ରୀ ଲୋକମାନେ ଉଚ୍ଚଶିକ୍ଷାର ଅଧିକାରିଣୀ ନୁହନ୍ତି?ସ୍ତ୍ରୀଟିଏ ଶିକ୍ଷିତ ହେଲେ ସେ ନିଜର,ପରିବାରର ତଥା ସମାଜର ଉନ୍ନତି କରିପାରିବ। କାରଣ ସ୍ତ୍ରୀଟିଏ ହିଁ ଦେଶ ଜାତିର ଭବିଷ୍ୟତ ଗଢିବାରେ ମୁଖ୍ୟ ଭୂମିକା ଗ୍ରହଣ କରେ ତେଣୁ କୁହାଯାଏ "ବାପା ହେଲେ ପାଠୁଆ ଦେଶ ହେବ ଆଗୁଆ,ମାଆ ହେଲେ ପାଠୋଇ ଦେଶ ଯିବ ଆଗେଇ" ତେଣୁ ସ୍ତ୍ରୀ ଶିକ୍ଷା ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଏହି ପ୍ରସଙ୍ଗରେ 'ଉତ୍କଳରେ ସ୍ତ୍ରୀ ଶିକ୍ଷାର ଦୁର୍ଗତି ' ପ୍ରବନ୍ଧରେ କୁହାଯାଇଛି – ଶିକ୍ଷିତ ହୋଇ ଯେଉଁମାନେ ସ୍ତ୍ରୀ ଶିକ୍ଷାର ବିରୋଧୀ, ଶିକ୍ଷିତ ରମଣୀ ମାନଙ୍କର ଉନ୍ନତି ଯେଉଁମାନଙ୍କର ଚକ୍ଷୁର ଶୁଳ ସେମାନେ କଦାପି ଶିକ୍ଷିତ ନୁହନ୍ତି ଛି ଛି। କିଏ ଏମାନଙ୍କୁ ଶିକ୍ଷିତ କଲେ? ଏମାନେ ଯେବେ ଶିକ୍ଷିତ ପଦର ବାଚ୍ୟ ହୋଇପାରନ୍ତି, ତେବେ ଓଡ଼ିଶାରେ ବର୍ତ୍ତମାନ ସ୍ତ୍ରୀ ଶିକ୍ଷାର ସମୟ ଉପସ୍ଥିତ ହୋଇନାହିଁ, ସ୍ତ୍ରୀଶିକ୍ଷାର ଦ୍ୱାର ଏକାବେଳେ ବନ୍ଦ କରିଦେବା ଉଚିତ। 'ନାରୀ ଜାତିର ଉନ୍ନତିପାଇଁ ଯେଉଁ ଦେଶ ରାଜ୍ୟ ବା ଏହାର ଅଧିବାସୀ ଚାହାଁନ୍ତି ନାହିଁ କିଂବା ଏହାର ବିରୋଧ କରନ୍ତି ସେ ଜାତି କେବେହେଲେ ଉନ୍ନତି କରିପାରିବ ନାହିଁ। ଯେଉଁମାନେ ସ୍ତ୍ରୀ ଶିକ୍ଷାର ବିରୋଧୀ ସେମାନଙ୍କୁ ଶିକ୍ଷିତ କହିବା ଉଚିତ ନୁହେଁ। ତେଣୁ ସ୍ତ୍ରୀ ଶିକ୍ଷାର ବିରୋଧ କରୁଥିବା ବ୍ୟକ୍ତିପାଇଁ "ଦେଶୀୟ ସ୍ତ୍ରୀ ଶିକ୍ଷାର ଆବଶ୍ୟକତା "ପ୍ରବନ୍ଧରେ କୁହାଯାଇଛି "ଯେଉଁମାନେ ସ୍ତ୍ରୀ ଶିକ୍ଷାର ବିରୋଧୀ ସେମାନଙ୍କୁ ମୋହର ଏହି ନିବେଦନ ସେମାନେ ଆପଣାର ସ୍ତ୍ରୀ କନ୍ୟା ଓ ଭଗିନୀମାନଙ୍କୁ ବିହିତ ଶିକ୍ଷା ଦେଇ ଦେଖନ୍ତୁ ସ୍ତ୍ରୀଶିକ୍ଷାର ଆବଶ୍ୟକତା ଅଛି କି ନାହିଁ ବର୍ତ୍ତମାନ ଶିକ୍ଷିତା ଜନନୀ ଏ ଦେଶରେ ନାହିଁ କହିଲେ ହୁଏ ଏପରି ଅବସ୍ଥାରେ ସେମାନଙ୍କୁ ଆପଣାର କନ୍ୟାମାନଙ୍କୁ ଶିକ୍ଷାଦେବା ସମ୍ବନ୍ଧରେ କିଛି କହିବା ଅରଣ୍ୟ ରୋଦନ କଲା ପ୍ରାୟ ହେବ। ଦେଶୀୟ ଶିକ୍ଷିତ ଭଦ୍ରଲୋକମାନେ ଯେଉଁ ମାନଙ୍କର କୌଣସି ବିଷୟରେ ଅଭାବ ସେମାନେ ନିଜର ସ୍ତ୍ରୀ କନ୍ୟା ଓ ବିଦ୍ୟାରୂପ ରତ୍ନରୁ ବଂଚିତ ନ କରନ୍ତୁ। "ସ୍ତ୍ରୀଲୋକଟି ଶିକ୍ଷିତ ହେଲେ ସେ ଯେଉଁ ଶିକ୍ଷା ପ୍ରଦାନ କରିବ ତାହା ପୁରୁଷଦାନ ତୁଳନାରେ ଅଧିକ ଫଳପ୍ରଦ ହେବ। ନାରୀ ସୁଲଭତା ଗୁଣରେ ଶିଶୁ ମନସ୍ତତ୍ତ୍ୱକୁ ବୁଝିବା ଓ ସେହିଁ ହିସାବରେ ଶିକ୍ଷା ଦେଇ ଦେଶର ଭବିଷ୍ୟତ ଗଠନରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହା ସମ୍ବନ୍ଧରେ  'କି ପ୍ରଣାଳୀରେ ଶିକ୍ଷା ଦେବା ବଞ୍ଚନୀୟ 'ପ୍ରବନ୍ଧରେ କୁହାଯାଇଛି -ଯେବେ କୌଣସିଠାରେ ଆଶାନୁରୂପ ଯୋଗ୍ୟ ସ୍ତ୍ରୀ ଶିକ୍ଷୟିତ୍ରୀ ପ୍ରାପ୍ତ ନ ହୁଅନ୍ତି ଆମ୍ଭ ମାନଙ୍କ ମତରେ ସୁଯୋଗ୍ୟ ପୁରୁଷ ଶିକ୍ଷକ ଅପେକ୍ଷା


© 2025 ଶୁଭଦର୍ଶିନୀ ପରିଡ଼ା. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଅଳ୍ପ ଯୋଗ୍ୟ ସ୍ତ୍ରୀଶିକ୍ଷୟତ୍ରୀମାନଙ୍କ  ହସ୍ତରେ ବାଳିକାମାନଙ୍କ ଶିକ୍ଷାର ଭାର ନ୍ୟସ୍ତ କରିବା ସର୍ବୋତ୍ତମଭାବେ ବିଧେୟ। ନାହିଁ ମାମୁଠାରୁ କଣା ମାମୁ ଭଲ।

କେବଳ ସ୍ତ୍ରୀଶିକ୍ଷା ନୁହେଁ ବରଂ ସ୍ତ୍ରୀଲୋକମାନଙ୍କୁ ସମାନତା, ସ୍ୱାଧୀନତା, ସ୍ୱାବଲମ୍ବୀ କରିବାପାଇଁ ମଧ୍ୟ 'ଆଶା ' ପତ୍ରିକାରେ ବିଭିନ୍ନ ସମୟରେ ଲେଖାମାନ ପ୍ରକାଶ କରାଯାଉଥିଲା। ନାରୀଟିକୁ ଅବଳା ଦୁର୍ବଳା ମନେ କରିବା ଉଚିତ ନୁହେଁ। ଅସୀମ ସାହସ, ଅଦମ୍ୟ ଇଛାଶକ୍ତି ବଳରେ ସେ ଆପେ ବଳିଆନ ତେଣୁ ତାକୁ ଅବଳା ମନେକରିବା ଅନୁଚିତ।ନାରୀ ପ୍ରକୃତିର ବିଶେଷତ୍ୱ ପ୍ରବନ୍ଧରେ କୁହାଯାଇଛି- "ସାଧାରଣତଃ ଲୋକମାନଙ୍କର ବିଶ୍ୱାସ ଯେ, ରମଣୀ ଦୁର୍ବଳା ସୁତରାଂ ଅନ୍ୟର ଆଶ୍ରିତା। ଏ କଥାର ଅର୍ଥ ଏହି ଯେ ସ୍ତ୍ରୀ ଜାତି ଆତ୍ମରକ୍ଷା ବା ଆତ୍ମରକ୍ଷା ସାଧନପାଇଁ ବଳିଷ୍ଠ କର୍ମକ୍ଷମ ପୁରୁଷ ଜାତି କରି ଅଧୀନତା ସ୍ୱୀକାର କରିବାକୁ ବାଧ୍ୟ ଯେଉଁ ବ୍ୟକ୍ତି ଏପରି ମତ ପୋଷଣ କରେ, ସେ ନାରୀର ମହତ୍ତ୍ୱକୁ ବୁଝିବାକୁ ସମ୍ପୂର୍ଣ୍ଣ ଅସମର୍ଥ। ଅନ୍ୟର ସାହାଯ୍ୟ ବ୍ୟତୀତ ନାରୀ ଆତ୍ମ ରକ୍ଷଣରେ ଅସମର୍ଥ, ଆମ୍ଭେ ଏପରି ଘୃଣିତ ମତ କଦାଚ ସମର୍ଥନ କରି ନ ପାରୁ। ପୁରାଣରେ ଲିଖିତ ସୀତା, ସାବିତ୍ରୀ, ଦମୟନ୍ତୀ ଏବଂ ଇତିହାସ ବର୍ଣ୍ଣନା ଦୁର୍ଗା, ଲକ୍ଷ୍ମୀ, ପଦ୍ମା ଏବଂ ସହସ୍ର ରାଜପୁତ ରମଣୀର ବିଷୟ ପାଠକରି ଯେ ଏପରି କଥା ବିଶ୍ୱାସ କରିବାକୁ ପ୍ରସ୍ତୁତି ସେ ଦୁଇ ଚକ୍ଷୁ ଥାଇ ଅନ୍ଧ। "'ଆଶା' ପତ୍ରିକାର ସମ୍ପାଦିକା ଭାବରେ ରେବାରାୟ ନାରୀର ଅଧିକାରକୁ ନେଇ ଯେଉଁ ତାତ୍ତ୍ୱିକ ଓ ଯୁକ୍ତିନିଷ୍ଠ ପ୍ରବନ୍ଧମାନ  ପ୍ରକାଶ କରିଥିଲେ ତାହା ଓଡ଼ିଆ ସମାଜ ଓ ସାହିତ୍ୟରେ ବେଶ ପ୍ରଭାବ ପକାଇଥିଲା।

ନାରୀଟି ଯେ ସର୍ବଦା ପୁରୁଷ କୈନ୍ଦ୍ରିକ ସମାଜ ବ୍ୟବସ୍ଥା ଦ୍ୱାରା ପେଷିହୋଇଯାଏ ତାହା ଭୁଲ। ନାରୀଟିର ଯନ୍ତ୍ରଣାର କାରଣ ବହୁ ସମୟରେ ନାରୀଟିଏ ହିଁ ହୋଇଥାଏ ତେଣୁ କୁହାଯାଏ ନାରୀହିଁ ନାରୀର ଶତ୍ରୁ। କିନ୍ତୁ ଏହିଭଳି ଏକ ସମାଜ ବ୍ୟବସ୍ଥାରେ ଏପରି ନାରୀମାନେ ଥିଲେ ଯେଉଁମାନେ ରକ୍ଷଣଶୀଳ ପରିବାରରୁ ବାହାରି ଆସି ନାରୀଜାତିର ସମୂହ ସ୍ୱାର୍ଥପାଇଁ ଲଢେଇ କରୁଥିଲେ। ବିଶ୍ୱ ସାହିତ୍ୟରୁ ଆରମ୍ଭ କରି ଭାରତୀୟ ସାହିତ୍ୟ ମଧ୍ୟଦେଇ ଓଡ଼ିଆ ସାହିତ୍ୟରେ ମଧ୍ୟ ଏହି ପ୍ରଭାବ ଦେଖା ଦେଇଥିଲା। ଏହି ଧାରାରେ ପ୍ରଥମେ ନାରୀକୁ ବିଷୟଭାବରେ ନେଇ 'ଆଶା 'ପତ୍ରିକାର ସମ୍ପାଦନା କରି ଶ୍ରୀମତି ରେବା ରାୟ ଓଡ଼ିଆ ସାହିତ୍ୟରେ ମାର୍ଗ ଦର୍ଶିକା ସାଜିଥିଲେ। ତେବେ ପୁରୁଷଟି ନାରୀ ବିଷୟରେ କହିବା ଏବଂ ନାରୀଟି ନିଜେ ନିଜକଥା କହିବା ମଧ୍ୟରେ ଅନେକ ଫରକ କାରଣ ନାରୀଟି ହିଁ ନାରୀର ଯନ୍ତ୍ରଣାମୟ ଜୀବନର ଭୁକ୍ତଭୋଗି। ତେଣୁ ଶ୍ରୀମତି ରାୟ ନାରୀର ସମାନତା, ସ୍ୱାଧୀନତା, ଶିକ୍ଷାକୁ ନେଇ ଯେଉଁ ଆନ୍ଦୋଳନାତ୍ମକ ଲେଖା 'ଆଶା 'ପତ୍ରିକାରେ ପ୍ରକାଶ କରୁଥିଲେ ତାହା ନିଶ୍ଚିତଭାବେ ଓଡ଼ିଆ ସମାଜ -ସଂସ୍କୃତି -  ସାହିତ୍ୟ ଓ ନାରୀକୁ ନୂତନ ଦିଶା ଦେଖାଇଛି। ନାରୀକୁ ଶିକ୍ଷିତ କଲେ ସେ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହୋଇ ପାରିବ ତାହା ରେବା ରାୟ ସେ ସମୟରେ ମଧ୍ୟ ବୁଝି ବୁଝାଇ ଥିଲେ। ପୁରୁଷ ସହ ସମକକ୍ଷ ହେବାକୁ ହେଲେ ନାରୀକୁ ପ୍ରାଥମିକ ସ୍ତରରେ ଶିକ୍ଷାଦେବା ନିତ୍ୟାନ୍ତ ଆବଶ୍ୟକ ବୋଲି ସେ ସର୍ବଦା ପ୍ରକାଶ କରିଛନ୍ତି। ସେ ସମୟରେ ରେବା ରାୟ ନାରୀର ସ୍ୱର ହୋଇପାରିଥିଲେ ତାଙ୍କ ପଦାଙ୍କ ଅନୁସରଣ କରି  ପରବର୍ତ୍ତୀ ସମୟରେ ବହୁ ନାରୀ ସାମ୍ନାକୁ ଆସିଲେ ଓ ନାରୀ ଜାତିର ସ୍ୱାର୍ଥପାଇଁ ପ୍ରତିବାଦର ସ୍ୱର ଉଠେଇ ପାରିଥିଲେ। ଯାହା ସାମ୍ପ୍ରତିକ ନାରୀବାଦକୁ  ସୃଷ୍ଟିକରି ପାରିଛି ।

**ସହାୟକ ଗ୍ରନ୍ଥସୂଚୀ**


1. ପଟ୍ଟନାୟକ ସୁଧାକର. ସମ୍ବାଦପତ୍ରରୁ ଓଡ଼ିଶାର କଥା (ସଂ). ପ୍ରଥମ ପ୍ରକାଶ. ପ୍ରଥମ ଖଣ୍ଡ. କଟକ: ଗ୍ରନ୍ଥମନ୍ଦିର; ୧୯୭୨.
2. ମିଶ୍ର ଗୋପାଳ ଚନ୍ଦ୍ର. ସମ୍ବାଦପତ୍ରେ ଊନବିଂଶ ଶତାବ୍ଦୀର ଓଡ଼ିଶା. ପ୍ରଥମ ପ୍ରକାଶ. କଟକ: ଛାତ୍ରସାଥି ଅଫିସ; ୧୯୭୨.
3. ତ୍ରିପାଠୀ ଶିବପ୍ରସାଦ. ସମ୍ବାଦପତ୍ରର ବିକାଶ ଓ ସାମ୍ବାଦିକତା. ପ୍ରଥମ ପ୍ରକାଶ. କଟକ: ଓଡ଼ିଶା ବୁକଷ୍ଟୋର; ୧୯୯୦.
4. କର ବାଉରୀବନ୍ଧୁ. ଓଡ଼ିଆ ସାହିତ୍ୟର ଇତିହାସ. ପ୍ରଥମ ପ୍ରକାଶ. କଟକ: ଫ୍ରେଣ୍ଡସ ପବ୍ଲିଶର୍ସ; ୨୦୧୩.
5. ଦାସ ଅରବିନ୍ଦ. ଓଡ଼ିଆ ପତ୍ରପତ୍ରିକାର ଇତିହାସ. ପ୍ରଥମ ପ୍ରକାଶ. ଭଦ୍ରକ: ରଙ୍ଗ ପ୍ରକାଶନୀ; ୨୦୧୩.

**ପତ୍ରିକା / ଜର୍ଣ୍ଣାଲ ଲେଖା**

6. "ଆଶା" (୧୮୯୨–୯୩). ୩–୪–୬–୮ମ ଖଣ୍ଡ.
7. ଦାଶ କୈଳାସ ଚନ୍ଦ୍ର. ସେଦିନର ମହିଳା ପତ୍ରିକା: ଆଶା ଓ ପରିଚାରିକା. ଶିଶିର (ପୂଜା ସଂଖ୍ୟା). ୨୦୨୪; ପୃ. ୫୮–୬୦.
8. ବେହେରା ସାଙ୍ଗମିତ୍ରା. ପତ୍ରିକାର କବିତାରୁ ସମ୍ପାଦିକାଙ୍କ ବ୍ୟଥା ଓ ବାସ୍ତବତା: ଶିକ୍ଷା ଦର୍ପଣ ବନାମ ପରିଚାରିକା. ୨୦୨୬.
9. ବାସ୍ତବବତାର ପରିପ୍ରକାଶ. ପ୍ରାଚୀ. ଭାଗ ୧୨(କ). ପୃ. ୯–୧୪.



**Creative Commons (CC) License**

This article is an open-access article distributed under the terms and conditions of the Creative Commons Attribution (CC BY 4.0) license. This license permits unrestricted use, distribution, and reproduction in any medium, provided the original author and source are credited.


**About the Author**




**ଡକ୍ଟର ଶୁଭଦର୍ଶନୀ** ପରିଡ଼ା ଏମ୍. ଏ, ଏମ୍. ଫିଲ ଏବଂ ପିଏଚ.ଡ଼ି ଓଡ଼ିଆ ଭାଷା ଓ ସାହିତ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ରୁସା ମେଧାବୃତ୍ତିପାଇ ଶେଷ କରିଛନ୍ତି।ସେ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରବନ୍ଧ ଆଲୋଚନା, ସମ୍ପାଦନା ସହ କବିତା ରଚନା କରନ୍ତି। ସମ୍ପ୍ରତି ସେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଅଧ୍ୟାପିକା ଅଛନ୍ତି।




© 2025 ଶୁଭଦର୍ଶନୀ ପରିଡ଼ା. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/